## ସଂକ୍ଷେପରେ

## ଜୟପୁରରେ ଗଜଲକ୍ଷ୍ମୀ ପୂଜା

କୋରାପୁଟ/ଜୟପୁର, ୨୦।୧୦ (ସ୍ୱ.ପ୍ର./ନି.ପ୍ର.): କୋଭିଡ କଟକଣା ମଧରେ ବୁଧବାର କୋରାପୁଟ ସହରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଚଳିତ ବର୍ଷ ସହରର କଳା ନିକେତନ ଛକ, ପୋଲିସ କୋଲନୀ, ଢେପସାହି, ଭାଣ୍ଡିସାହି, ଟିକିରାସାହି , ପିଏଚଡି କୋଲନୀ ଆଦି ୬ଟି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ହେଉଛି। ଗତ ୨୪ ବର୍ଷ ଧରି ସ୍ଥାନୀୟ କଳାନିକେତନଛକଠାରେ ଡି ଗ୍ରୁପ ଦ୍ୱାରା ଗଜଲକ୍ଷ୍ମୀ ପୂଜା କରାଯାଉଛି। ସେହିପରି ଜୟପୁର ରଜାନଗରଠାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ୧୦ ଦିନ ଧରି ଏଠାରେ ମା'ଙ୍କ ପୂଜାର୍ଚ୍ଚନା ହେବ। କୋଭିଡ୍ ନିୟମ ଅନୁଯାୟୀ ୪ ଫୁଟର ମୃଣ୍ମୟ ମୂର୍ତ୍ତି କରାଯାଇ ପୂଜା ହେଉଛି। ଶ୍ରଦ୍ଧାଳୁଙ୍କୁ ଦର୍ଶନ ମନା ରହିଛି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ସେହିପରି ବାଙ୍କମଠ ପରିସରରେ ମଧ ଗଜଲକ୍ଷ୍ମୀଙ୍କ ପୂଜା ଚାଲିଛି । ଏଠାରେ ୭ ଦିନ ଧରି ମା'ଙ୍କ ପୂଜା ହେବ । ସେହିପରି ସହରର ମହାନ୍ତି ସାହିରେ ହେଉଥିବା ଗଜଲକ୍ଷ୍ମୀ ପୂଜା ୯ ଦିନ ଧରି ଚାଲିବ। ଏଠାରେ ମା'ଙ୍କ ନିକଟରେ ଅନ୍ନଭୋଗ କରାଯିବ ବୋଲି ପୂଜା କମିଟି ସୂଚନା ଦେଇଛି।

## ୨ ସ୍ଥାନରେ ଚଢ଼ାଉ: ୧୯ ଜୁଆଡି ଗିରଫ



କୋରାପୁଟ,ଜୟପୁର ୨୦।୧୦ (ସ୍ୱ.ପ୍ର./ନି.ପ୍ର.): କୋରାପୁଟ ଓ ଜୟପୁର ଥାନା ଅଞ୍ଚଳରେ ବୁଧବାର ୨ଟି ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୧୯ ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। କୋରାପୁଟ ଟାଉନ ଥାନା ପୋଲିସ ସହରର ଏକ କ୍ଲବ ଉପରେ ବୁଧବାର ଚଢାଉ କରି ୯ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫୧ ହଜାର ୮୦୦ ଟଙ୍କା , ୫ ସେଟ ତାସ ଜବତ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ସହରର ଏଲାଇଟ କ୍ଲବରେ ଜୁଆଖେଳ ଚାଲୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଆଗକୁ ମଧ ଏପରି ଚଢାଉ ଜାରି ରହିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ବାରିଣୀପୁଟର ଖୋଲାପଡ଼ିଆରେ ଜୁଆଖେଳ ଚାଲିଥିବା ବେଳେ ଜୟପୁର ସଦର ଥାନା ପୋଲିସ ଚଢ଼ାଉକରି ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୧୦ ହଜାର ୭୪୦ ଟଙ୍କା, ୬ ପ୍ୟାକେଟ ତାସ ,୧୦ ମୋବାଇଲ ଫୋନ ଜବତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଚିକିତ୍ସାଧୀନ ଅବସ୍ଥାରେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ

କୋରାପୁଟ, ୨୦।୧୦(ସ୍ୱ.ପ୍ର.): ବୁଧବାର କୋରାପୁଟଜ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ କାଶୀପୁର ଅଞ୍ଚଳର ଜଣେ ମହିଳା ବୋଲି ଜଣାପଡିଛି । ସେ ଗତ କିଛି ଦିନ ହେଲା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ ରାୟଗଡା ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ବୁଧବାର କୋରାପୁଟରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ବର୍ତ୍ତମାନ କୋରାପୁଟ ମେଡିକାଲରେ ଆଉ ୫ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ର ସୂଚନା ଦେଇଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୨୦।୧୦(ଡି.ଏନ୍.ଏ.): ରାୟଗଡ଼ ଥାନା କୃଷ୍ଣପୁରରେ କୀଟନାଶକ ଔଷଧ ଖାଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୃଷ୍ଣପୁର ଗ୍ରାମର ରେବତୀ ଶବର (୪୦)। ରେବତୀ ମଧାହ୍ନରେ ନିଜ ବାସଭବନରେ କୌଣସି ମାନସିକ ଚାପଗ୍ରସ୍ତ ହୋଇ କୀଟନାଶକ ଖାଇ ଦେଇଥିଲେ। ତାଙ୍କୁ ରାୟଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାୟଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।



ଜୟପୁର ରାଜନଅରଠାରେ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନ।



କୋରାପୁଟ କଳାନିକେତନ ଛକଠାରେ ହୋଇଥିବା ପୂଜାମଣ୍ଡପ।

# ପେପର ମିଲ୍ କର୍ତ୍ତୃପକ୍ଷଙ୍କ ପକ୍ଷପାତିତାକୁ କର୍ମଚାରୀଙ୍କ ବିରୋଧ

ଜୟପୁର,୨୦।୧୦ (ନି.ପ୍ର.)

ଜୟପୁର ବିଲ୍ଟ ସେବା କାଗଜକଳ ମ୍ୟାନେଜମେଣ୍ଟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଦଶହରା ସମୟରେ ଅର୍ଥ ପ୍ରଦାନରେ ପାତରଅନ୍ତର କରିଥିବା କର୍ମଚାରମାନେ ଅଭିଯୋଗ କରିଛନ୍ତି। କାଗଜକଳରେ ପୂର୍ବରୁ ଉତ୍ପାଦିତ ହୋଇ ଗଚ୍ଛିତ ଥିବା କାଗଜ ବିକ୍ରିକରି ଶ୍ରମିକଙ୍କୁ ଦଶହରା ପୂର୍ବରୁ ୧୦ହଜାର ଟଙ୍କା ଲେଖାଏ ଅଗ୍ରିମ ଅର୍ଥ ପ୍ରଦାନ କରିଛି। ଏହି କାରଖାନା ୨୦୧୯ ଏପ୍ରିଲରୁ ଉତ୍ପାଦନ ବନ୍ଦ ରହିଛି। ଯେଉଁ ଶ୍ରମିକମାନେ ଅବସର ଗ୍ରହଣ କଲେଣି ସେମାନଙ୍କୁ ମଧ ଅଗ୍ରିମ ଅର୍ଥ ଦେଇନାହିଁ। ଏ ସମ୍ପର୍କରେ ୪ଟି ଯାକ ଶ୍ରମିକ କର୍ମଚାରୀ ସଂଘ ପ୍ରତିନିଧି ମ୍ୟାନେଜମେଣ୍ଟର ମୁଖ୍ୟଙ୍କୁ ଭେଟି ଅନୁରୋଧ କରିଥିଲେ। ୨୦୧୯, ୨୦୨୦ ଓ ୨୦୨୧ରେ ଅବସର ନେଇଥିବା ଶ୍ରମିକମାନଙ୍କୁ ମଧ ଦଶହରା ପୂର୍ବରୁ ଦେବାକୁ ଥିବା ଅଗ୍ରିମ ରାଶି ପ୍ରଦାନ କରିବାକୁ କହିଥିଲେ। କାରଣ ବିକ୍ରି ହେଉଥିବା କାଗଜ ଉତ୍ପାଦନରେ ୨୦୧୯ର ଶ୍ରମିକମାନେ କାମ କରିଛନ୍ତି। ମାତ୍ର ମ୍ୟାନେଜମେଣ୍ଟ ୟୁନିୟନର ଅନୁରୋଧ ଅଣଦେଖା କରି କେବଳ ୨୦୨୧ର ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀଙ୍କୁ ୧୦ହଜାର ଟଙ୍କା ଲେଖାଏ ଅର୍ଥ ଦେଇଛି । ଏନେଇ ୟୁନିୟନଗୁଡ଼ିକର ମିଳିତ କାର୍ଯ୍ୟକାରୀ କମିଟି ବୁଧବାର ୟୁନିଟ ମୁଖ୍ୟଙ୍କୁ ଚିଠି ଲେଖି ତୁରନ୍ତ ୨୦୧୯ ଓ ୨୦୨୦ର ଅବସରପ୍ରାପ୍ତ ଶ୍ରମିକମାନଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରିବା ପାଇଁ ଲାଲୁ ଶର୍ମା, ଶଙ୍କର ପ୍ରହରାଜଙ୍କ ସମେତ ଅନ୍ୟମାନେ ଦାବି କରିଛି। ମ୍ୟାନେଜମେଣ୍ଟ ଦୁଇ ପ୍ରକାର ଦରମା ଦେବା ନୀତି ବନ୍ଦ କରି ସମସ୍ତଙ୍କୁ ସମାନ ଭାବରେ ଦେଖିବା ପାଇଁ ୟୁନିୟନ ପକ୍ଷରୁ ମଧ ଦାବି କରାଯାଇଛି। ବିଲ୍ଟର ଶ୍ରମିକ କର୍ମଚାରୀ ଓ ଅଫିସରଙ୍କୁ କିଛି କିଛି ଅଗ୍ରିମ ରାଶି ପ୍ରଦାନ କରାଯାଉଥିବା ବେଳେ ମଦର ଆର୍ଥ କମ୍ପାନୀରେ ନୂତନ ରୂପେ ଯୋଗଦେଇଥିବା ଅଧିକାରୀମାନଙ୍କୁ ପୂରା ଦରମା ପ୍ରଦାନ କରାଯାଉଥିବା ୟୁନିୟନ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଅବସରପ୍ରାପ୍ତ ଶ୍ରମିକମାନଙ୍କୁ ଅଗ୍ରିମ ରାଶି ନ ଦେଲେ ସେମାନେ ମିଲ୍ ଗେଟ୍ ସମ୍ମୁଖରେ ଓ ପଞ୍ଚବଟୀ ଗେଷ୍ଟ ହାଉସ ଗେଟ୍ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ପ୍ରକାଶ କରିଛନ୍ତି।

# ବୈଠକରେ ଜଗନ୍ନାଥ ସାଗରର ବିକାଶ ଚିନ୍ତା

ଜୟପୁର, ୨୦।୧୦ (ନି.ପ୍ର.)

ଜୟପୁର ସହରର ପରିଚୟ ଐତିହାସିକ ଜଗନ୍ନାଥ ସାଗର ଦିନକୁ ଦିନ ସଙ୍କୁଚିତ ଓ ପ୍ରଦୂଷିତ ହେବାରେ ଲାଗିଛି । ଏହାର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ବିଭିନ୍ନ ସମୟରେ କିଛି କିଛି କାର୍ଯ୍ୟ ହେଉଛି। ବୁଧବାର ସାଗର କୂଳରେ ଏହାର ବିକାଶ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସାଗରର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ମୋ ଜଗନ୍ନାଥ ସାଗର ନାମରେ ଏକ ଟ୍ରଷ୍ଟ ଗଠନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଟ୍ରଷ୍ଟରେ ଜୟପୁର ପୌରପାଳିକାରେ ପଞ୍ଜୀକୃତ ହୋଇଥିବା ସଂସ୍ଥା ଓ ଯୁବକ ସଂଘ ସଭାପତି, ସମ୍ପାଦକ କିମ୍ବା ସେମାନଙ୍କ ଦ୍ୱାରା ମନୋନୀତ ୮ ଜଣ ସଦସ୍ୟ ରହିପାରିବେ। ଟ୍ରଷ୍ଟ ମାଧ୍ୟମରେ ସାଗରର ପୁନରୁଦ୍ଧାର ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ପୌରପାଳିକାଠାରୁ ରାଜ୍ୟସ୍ତରର ବିଭିନ୍ନ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯିବ। ଟ୍ରଷ୍ଟର ସଦସ୍ୟମାନେ ପ୍ରତ୍ୟେକ ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ କରିବେ। ଏହାର ଚାରିପାଖରେ ହୋଇଥିବା ଜବରଦଖଲ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି ।



ବୈଠକରେ ଜଗନ୍ନାଥ ସାଗର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଉଛି।

# ମତଦାତାଙ୍କୁ ସଚେତନ କରାଯିବ

ମାଲକାନଗିରି,୨୦।୧୦(ଡି.ଏନ୍.ଏ.)

ଗଣତନ୍ତ୍ର ରାଷ୍ଟ୍ରରେ ମତଦାନ କରିବା ପାଇଁ ଭୋଟରମାନଙ୍କୁ ସାମ୍ବିଧାନିକ ଅଧିକାର ମିଳିଛି। ଆମ ଦେଶ, ରାଜ୍ୟ ଏବଂ ମାଲକାନଗିରି ଜିଲାରେ ଅନେକ ଭୋଟର ଭୋଟ ନ ଦେଇ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରନ୍ତି ନାହିଁ। ଫଳରେ ଯେକୌଣସି ନିର୍ବାଚନମଣ୍ଡଳୀରେ ମତଦାନ ହାର ହାରାହାରି ୬୦ ପ୍ରତିଶତରୁ କମ୍ ରହୁଥିବା ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ପଞ୍ଚାୟତ ନିର୍ବାଚନରେ ଯେପରି ଭୋଟରମାନେ ଶତ ପ୍ରତିଶତ ମତଦାନ କରିବେ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ଜିଲାର ବିଭିନ୍ନ ଅଞ୍ଚଳରେ ଭୋଟରମାନଙ୍କୁ ସଚେତନ କରାଯିବ ବୋଲି ସଂଘ ସଭାପତି ଦୁର୍ଯ୍ୟୋଧାନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ସମ୍ମିଳନୀରେ ନିଷ୍ପତ୍ତି ହୋଇଛି। ଏହାକୁ ସଂଘର ସମସ୍ତ ସଦସ୍ୟ ସ୍ୱାଗତ କରିଛନ୍ତି। ଏହି ଅବସରରେ ୧୯ ଜଣ ଗଣମାଧ୍ୟମ ପ୍ରତିନିଧି ସଂଘର ନୂତନ ସଦସ୍ୟତା ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ସାମ୍ବାଦିକ ଅଶୋକ ମିଶ୍ର , ସୁଧାଂଶୁ ଶେଖର ମହାନ୍ତି, ମନୋଜ ପାଙ୍ଗୀ, ଏ. ଦେବାଶିଷ ପାତ୍ର, ରାହୁଲ ଗୋଲୋରି, ଶିବପ୍ରସାଦ ଦାସଙ୍କ ସମେତ ଅନ୍ୟମାନେ ରହିଛନ୍ତି। ନୂତନ ସଦସ୍ୟମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ମହାନ୍ତି, ପ୍ରଭାକର ସୁନା, ସତ୍ୟନାରାୟଣ ଦାଶ, ଶ୍ରୀନିବାସ ପାତ୍ର, ସୋନୁ ଅନୁଗ୍ରୁ, କିଶୋର ପାଟିକା ପରିଚାଳନା କରିଥିଲେ।

# କୋଟିଆର ଉପରସେମ୍ଳିରେ ଆନ୍ଧ୍ର ଲୋକସତା ପାର୍ଟି ପକ୍ଷରୁ ବୈଠକ

କୋରାପୁଟ/ପଟ୍ଟାଙ୍ଗି, ୨୦।୧୦(ସ୍ୱ.ପ୍ର/ଡି.ଏନ.ଏ.)

କୋରାପୁଟ ଜିଲାର କୋଟିଆ ପଞ୍ଚାୟତର ଉପସେମ୍ଳିଠାରେ ବୁଧବାର ଆନ୍ଧ୍ରର ଲୋକସତା ପାର୍ଟି ରାଜ୍ୟ ସଭାପତି ବାବାଜୀ ଆଥରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ସେ ଫେରିଯାଇଛନ୍ତି। ସେହିପରି ଆନ୍ଧ୍ରର ଏହି ପାର୍ଟି ସଦସ୍ୟମାନେ କୋଟିଆର ନେରେଡିବାଲସା, ତାଡିବାଲସା, ଦୁଲିଭଦ୍ରା ଆଦି ବିଭିନ୍ନ ଗ୍ରାମ ଗସ୍ତ କରି ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି।



କୋଟିଆର ଉପର ସେମ୍ଳିରେ ଆନ୍ଧ୍ରର ଲୋକସତ୍ତା ପାର୍ଟି ପକ୍ଷରୁ ଚାଲିଥିବା ବୈଠକ।

# ୨ ବାଲି ବୋଝେଇ ଟ୍ରକ୍ ଜବତ



ଜବତ ହୋଇଥିବା ଟିପ୍ପର।

କୁଡୁମୁଲୁଗୁମ୍ମା,୨୦।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଅନ୍ତର୍ଗତ ନାଲିଗୁଡ଼ା ଗ୍ରାମ ନଦୀରୁ ବେଆଇନ ଭାବେ ବାଲି ଆନ୍ଧ୍ର ପ୍ରଦେଶକୁ ଚାଲାଣ କରୁଥିବା ବେଳେ ୨ଟି ହାଇଓ୍ୱ ଟ୍ରକ୍ ଜବତ ହୋଇଛି। କୁଡୁମୁଲୁଗୁମ୍ମା ତହସିଲଦାର ବିଜୟ ମାଣ୍ଡାଙ୍ଗୀ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉକରି ଏପି୩୯ ଟିକେ-୨୩୯୩ ଓ ଏପି ୦୫ ଟିଏମ୍-୫୧୧୨ ଟ୍ରକ୍କୁ ଜବତ କରାଯାଇଛି। ବାଲି ସୈରାତର ଲିଜ୍ ପାଇଛନ୍ତି ବୋଲି ଲୋକଙ୍କୁ କହି ବାଲି ଆନ୍ଧ୍ରକୁ ଚୋରାଚାଲାଣ କରୁଛନ୍ତି। ପଡ଼ୋଶୀ ରାଜ୍ୟର କେତେଜଣ ବାଲିମାଫିଆଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ସମ୍ପୃକ୍ତ ଥାଇ ଅଧିକ ଲାଭ ପାଇବା ଆଶାରେ ଏପରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# ଭୋଟବର୍ଜନ ଚେତାବନୀ ଦେଲେ ନଦୀକୂଳିଆ ଗାଁର ଲୋକେ

ପାପଡାହାଣ୍ଡି/ ମଇଦଲପୁର, ୨୦।୧୦(ଡି.ଏନ୍.ଏ.)

ନିର୍ବାଚନ ବେଳେ ପୋଲ ତିଆରି ପ୍ରତିଶ୍ରୁତି ମିଳେ। କିନ୍ତୁ ନିର୍ବାଚନ ପରେ ଆଉ କାହାର ଦେଖା ମିଳେନି। ନଦୀ ପାର ହୋଇ ଯିବା ଆସିବାରେ ଅସୁବିଧା ହେଉଛି। ପୋଲ ନ ହେଲେ ଭୋଟ ବର୍ଜନ କରିବୁ ବୋଲି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସୀମାନ୍ତ ମାଝୀଗୁଡା ପଞ୍ଚାୟତ ଓ ଝରିଗାଁ ବ୍ଲକ ଚେପିଟିଆମ୍ବ ପଞ୍ଚାୟତ ମଧ୍ୟରେ ଯାଇଥବା ଅଙ୍ଗିନଦୀ ପାର୍ଶ୍ୱରେ ଥିବା ଗ୍ରାମର ଲୋକେ ଚେତାବନୀ ଦେଇଛନ୍ତି। ମାଝୀଗୁଡା ପଞ୍ଚାୟତର ଲଦି, ଗିର୍ଲାଗୁଡା, ବଣ୍ଡକା ଲଦି, ମୁଣ୍ଡାଗୁଡା ଓ ଝରିଗାଁ ବ୍ଲକ ର ଚେପଟି ଆମ୍ବା, କରମଚନ୍ଦଗୁଡା, ଚିତାପାରା ଗାଁର ଚାରିହଜାର ଭୋଟର ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଅଙ୍ଗୀ ନଦୀରେ କୌଣସି ପୋଲ ନ ଥିବାରୁ ଉଭୟ ପାର୍ଶ୍ୱରେ ବସବାସ କରୁଥିବା ପ୍ରାୟ ୪ହଜାର ଲୋକଙ୍କ ଜୀବନ ଉପରେ ପ୍ରଭାବ ପଡୁଛି। ଯାତାୟତ ସୁବିଧା ନ ଥିବାରୁ ଲୋକଙ୍କ ସମସ୍ୟା ବଢିବାରେ ଲାଗିଛି। ଏହି ନଦୀ ଦେଇ ଗଲେ ପ୍ରସିଦ୍ଧ କେଲିଆ ଶୈବପୀଠ ପଡିବ। ତେଣୁ କଳାହାଣ୍ଡିରୁ ଭକ୍ତ ଯିବା ଆସିବା କରିଥାନ୍ତି। ଲଦି ଗ୍ରାମରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ପଢିବା ବ୍ୟବସ୍ଥା ରହିଛି। ଅଷ୍ଟମ ଶ୍ରେଣୀ ପଢ଼ିବାକୁ ଉକ୍ତ ନଦୀ ଚେପଟିଆମ୍ବ ଗାଁ କୁ ଯିବାକୁ ପଡେ। ଅତ୍ୟଧିକ ଜଳପ୍ରଭାବ ହେଲେ ପିଲାଙ୍କ ପାଠ ପଢା ବନ୍ଦ ହୋଇଯାଏ। ଉକ୍ତନଦୀରେ ପଡି କେତେ ଗୋରୁଗାଈ ଭାସିଗଲେଣୀ। ଜିଲା ପ୍ରଶାସନ, ରାଜନେତା ଓ ମନ୍ତ୍ରୀମାନେ ଏ ବିଷୟରେ ଅବଗତ ହେବା ପରେ ମଧ କିଛି ପଦକ୍ଷେପ ନେଉ ନାହାନ୍ତି। ଡିସେମ୍ବର ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନ ହେଲେ ବାଧ ହୋଇ ଭୋଟ ବର୍ଜନ କରିବୁ ବୋଲି ମନଧର ପୂଜାରୀ, ଅର୍ଜୁନ ଯାନୀ, ଧୋବା ଯାନୀ, ମିନାକ୍ଷୀ ହରିଜନ, ହରି ଗଉଡ଼, ଆନନ୍ଦ ହିଆଲ, କୁମର ଯାନୀ ଅଭିଯୋଗ କରିଛନ୍ତି।

# କଣ୍ଟାସାରୁବାସୀ ମରାମତି କଲେ ଗ୍ରାମରାସ୍ତା



ଗ୍ରାମ ରାସ୍ତା ମାଟି ପକାଇ ଗ୍ରାମବାସୀ ମରାମତି କରୁଛନ୍ତି।

ମାଲକାନଗିରି/କୁଡୁମୁଲୁଗୁମ୍ମା, ୨୦।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ କଣ୍ଟାସାରୁ ଗ୍ରାମବାସୀଙ୍କ ମିଳିତ ପ୍ରୟାସରେ ଗ୍ରାମ ରାସ୍ତାର ମରାମତି କରାଯାଇଛି। ଏହି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଦୀର୍ଘଦିନ ଧରି ଶୋଚନୀୟ ହୋଇ ପଡ଼ି ଯାତାୟାତ କରିବା କଷ୍ଟକର ହୋଇପଡ଼ିଥିଲା। ରାସ୍ତାକୁ ପୁନଃ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଖଇରପୁଟ ବିଡିଓ ଓ କୁଡୁମୁଲୁଗୁମ୍ମା ପିଇଓଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ରାସ୍ତା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେବାରୁ ଶେଷରେ ବୁଧବାର ଗ୍ରାମବାସୀ ଶ୍ରମଦାନ କରି ରାସ୍ତା ମରାମତି କରିଛନ୍ତି। ରାସ୍ତାରେ ଥିବା ଖାଲଖମା ସମତୁଲ କରିବା ସହ ମୋରମ ପକାଇଛନ୍ତି। ସରପଞ୍ଚ ପହଲା ପାଙ୍ଗୀ କଣ୍ଟାସାରୁ ଗ୍ରାମବାସୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସାକରି ତୁରନ୍ତ ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ପୋଖରୀରେ ବୁଡ଼ି ଗାଈ ଜଗୁଆଳିଙ୍କ ମୃତ୍ୟୁ

ଦଶମନ୍ତପୁର,୨୦।୧୦(ଡି.ଏନ୍.ଏ.)

ଗାଁ ପୋଖରୀରେ ଗାଧୋଇବାବେଳେ ବୁଡ଼ି ଯାଇ ଜଣେ ଗୋରୁ ଜଗୁଆଳିଙ୍କ ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର କଡ଼କିପଦର ଗ୍ରାମରେ। ମୃତକ ହେଲେ ଅଭି ମୁଦୁଲି ( ୩୫)। ବୁଧବାର ପୂର୍ବାହ୍ନରେ ଅଭି ଗାଁ ନିକଟସ୍ଥ ପାହାଡ଼କୁ ଗୋରୁ ନେଇ ଚରାଇବାକୁ ଯାଇଥିଲେ। ତାଙ୍କ ସାଙ୍ଗରେ ଦୁଇ ଜଣ ଛୋଟପିଲା ଥିଲେ। ସେମାନଙ୍କୁ ଗୋରୁଗୋଠ ଜଗାଇ ଅଭି ପୋଖରୀରେ ଗାଧୋଇବାକୁ ପଶିଥିଲେ। ସେ ଦୀର୍ଘ ସମୟ ଧରି ପଦାକୁ ନ ବାହାରିବାରୁ ପିଲା ୨ଜଣ ଗାଁକୁ ଚାଲିଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ଗ୍ରାମବାସୀ ପୋଖରୀଠାରେ ପହଞ୍ଚି ଖୋଜାଖୋଜି କରିଥିଲେ। ପୋଖରୀ ପାଣି ଗଭୀର ଥିବାରୁ ଅଭିଙ୍କ ପତ୍ତା ମିଳି ନ ଥିଲା। ପରେ ଘଟଣା ନେଇ ପରିବାର ଲୋକେ ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଥାନା ଅଧିକାରୀ ନିର୍ମଳା ଲିମା ଓ ଅଗ୍ନିଶମ ବିଭାଗ ଇନ୍ସପେକ୍ଟର ଆର୍.ଏନ୍. ନାୟକ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ବାହାରକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମାଲକାନଗିରି ଜିଲା: ଆଗେଇ ଚାଲିଛି ଟିକାକରଣ କାର୍ଯ୍ୟକ୍ରମ

ମାଲକାନଗିରି,୨୦।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କୋଭିଡ ଟିକାଦାନ ପ୍ରକ୍ରିୟା ଜାରି ରହିଛି । ଜିଲା ସଦର ମହକୁମା ଚିକିତ୍ସାଳୟ ସମେତ ଜିଲାର ୩୫ଟି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସମସ୍ତ ଉପ କେନ୍ଦ୍ରରେ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି । ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମରେ ସମ୍ପୂର୍ଣ୍ଣ ଟିକାକରଣ ଲକ୍ଷ୍ୟ ଖୁବଶୀଘ୍ର ପୂରଣ ହେବ ବୋଲି କୁହାଯାଉଛି। ଜିଲାରେ ସହରାଞ୍ଚଳରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲୋକମାନେ ଟିକା ନେବାକୁ ଆଗ୍ରହ ପ୍ରକାଶ କରୁଥିବା ଜଣାଯାଇଛି। ଜିଲାର ୧୮ ବର୍ଷରୁ ଉର୍ଦ୍ଧ୍ୱ ମୋଟ ୪ ଲକ୍ଷ ୩୦ ହଜାର ୧୪୫ ଜଣଙ୍କୁ କୋଭିଡ ଟିକା ଦେବାକୁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମଙ୍ଗଳବାର ୧୯ ତାରିଖ ସୁଦ୍ଧା ଜିଲ୍ଲାର ୩ ଲକ୍ଷ ୭୨ ହଜାର ୭୪୧ ଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତ ପ୍ରଥମ ଡୋଜ ଟିକା ଗ୍ରହଣ କରିଛନ୍ତି। ସେହିପରି ୧ ଲକ୍ଷ ୧୮ ହଜାର ୬୨୦ ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି । ତେବେ ଟିକା ଗ୍ରହଣ ପରେ କାହାଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିନାହିଁ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ

ମାଲକାନଗିରି,୨୦।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିଡିପାଲ୍ଲୀ ଗ୍ରାମରେ ବୁଧବାର ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ ସଂଗ୍ରହ ସହ ସଫେଇ କାର୍ଯ୍ୟ ହୋଇଥିଲା। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ହରିଶ ରୂପାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏମ.ଭି-୪୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ରମେଶ ଚନ୍ଦ୍ର ମହାରଣା, କୋରୁକୋଣ୍ଡା ବ୍ଲକ ଉପାଧ୍ୟକ୍ଷ ଇର୍ମା କବାସି, ତୁମୁସାପାଲି ସରପଞ୍ଚ ଗାଙ୍ଗି ମାଡି ଯୋଗଦେଇ ନିଜ ପରିବେଶକୁ ସଫା ରଖି ପାରିଲେ ସ୍ୱଚ୍ଛ ସମାଜ ଗଠନ ହୋଇପାରିବ। ଅଳିଆ ଆବର୍ଜନା ସହ ସିଙ୍ଗଲ ୟୁଜଡ୍ ପ୍ଲାଷ୍ଟିକ ଓ ପଲିଥିନ ବାହାରେ ନ ଫିଙ୍ଗି ଡଷ୍ଟବିନରେ ରଖିବାକୁ ଆହ୍ୱାନ ଦେଇଥିଲେ। ପରେ ଚିଡିପାଲ୍ଲୀ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।

# ଉମରକୋଟରେ ପହଞ୍ଚିଲା ଶ୍ରୀକ୍ଷେତ୍ର ରଥଚକ

- ରଥ ସାମଗ୍ରୀ ନିଲାମରେ ଅଂଶଗ୍ରହଣ କରିଥିଲେ ଉମରକୋଟର ୩ ବିଶିଷ୍ଟ ବ୍ୟକ୍ତି
- ଉମରକୋଟ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ରଖାଯିବ

ଉମରକୋଟ,୨୦।୧୦(ସ୍ୱ.ପ୍ର.)

ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବର୍ଷ ଅନୁଷ୍ଠିତ ରଥଯାତ୍ରାରେ ଗଡ଼ିଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥର ୩ ଚକ ତିନି ଠାକୁରଙ୍କ ରଥର ୩ ଚକ ନବରଙ୍ଗପୁର ଜିଲା ଉମରକୋଟଠାରେ ପହଞ୍ଚିଛି। ଚକଗୁଡ଼ିକୁ ସହର ପରିକ୍ରମା କରାଯିବା ପରେ ଜଗନ୍ନାଥ ମନ୍ଦିର ପରିସରକୁ ନିଆଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ରଥଯାତ୍ରାରେ ଗଡ଼ିଥିବା ତିନି ରଥରେ ବ୍ୟବହୃତ ସମସ୍ତ ସାମଗ୍ରୀକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ କରାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ଉମରକୋଟ ସହରର ୩ ବିଶିଷ୍ଟ ବ୍ୟକ୍ତି ବାବୁଲା ପାଣିଗ୍ରାହୀ, ଲୁଲୁ ପାଣିଗ୍ରାହୀ ଓ ସରୋଜ ଦାସ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥର ୩ଟି ଚକ, ପହଡ଼ ଓ ଜଗନ୍ନାଥ ପିନ୍ଧିଥିବା ପାଟ ଲୁଗା ଉମରକୋଟ ଆଣିଥିଲେ। ପରେ ଏହି ସମସ୍ତ ସାମଗ୍ରୀ ଉମରକୋଟ ଜଗନ୍ନାଥ ମନ୍ଦିରକୁ ଦାନ କରିବା ପାଇଁ ଇଚ୍ଛା ପ୍ରକଟ କରିଥିବା ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ଏହାପରେ ପରିଚାଳନା କମିଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଇ ସର୍ବସମ୍ମତି କ୍ରମେ ଖୁସି ପ୍ରକଟ କରଯିବା ସହ ଦାତାମାନଙ୍କ ବଦାନ୍ୟତା ପାଇ ସାଧୁବାଦ ଜ୍ଞାପନ କରାଯାଇଛି। କୁମାର ପୂର୍ଣ୍ଣିମାରେ ସମସ୍ତ ରଥ ସାମଗ୍ରୀକୁ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ମନ୍ଦିରକୁ ନିଆଯାଇଥିଲା। ପ୍ରଥମେ ଉମରକୋଟସ୍ଥିତ ଡଙ୍ଗରିଗୁଡ଼ାସ୍ଥିତ ଶନି ମନ୍ଦିରଠାରେ ସମସ୍ତ ସାମଗ୍ରୀକୁ ରଖାଯାଇଥିଲା। ଜଗନ୍ନାଥ ମନ୍ଦିରର ରାଜ ପୁରୋହିତ ଗୌରହରି ମିଶ୍ର ମନ୍ଦିରରୁ ଆଜ୍ଞାମାଳ ନେଇ ୩ ଦାତାଙ୍କ ଉପସ୍ଥିତିରେ ଶନି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥର ୩ ଚକକୁ ୩ ଟି ଟ୍ରାକ୍ଟରରେ ସୁସଜ୍ଜିତ କରାଯାଇ ନଗର ସଙ୍କୀର୍ତ୍ତନ ସହ ସହର ପରିକ୍ରମା କରାଯାଇଥିଲା। ରାସ୍ତାରେ ବିଭିନ୍ନ ସ୍ଥାନରେ ମହିଳାମାନେ ରଥ ଚକଗୁଡ଼ିକୁ ପୂଜା କରିଥିଲେ। ଏବେ ରଥ ସାମଗ୍ରୀ ଉମରକୋଟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ରାଧାକୃଷ୍ଣ ମନ୍ଦିର ପରିସର ଅସ୍ଥାୟୀ ଭାବେ ରଖାଯାଇଛି। ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଜଗନ୍ନାଥ ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର କୋଠରି ନିର୍ମାଣ କରାଯାଇ ରଖାଯିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମଧ ଦର୍ଶନ ପାଇଁ ମନ୍ଦିରକୁ ଆସିଥିଲେ। ଉମରକୋଟ ଜଗନ୍ନାଥ ମନ୍ଦିରର ରାଜ ପୁରହିରତ ଗୌରହରି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଇଥିଲା। ସେହିପରି କାର୍ତ୍ତିକ ମାସରେ ଶ୍ରଦ୍ଧାଳୁ ଓ ହାବିଷ୍ୟାଳୀଙ୍କ ପାଇଁ ଉମରକୋଟ ଜଗନ୍ନାଥ ମନ୍ଦିରରେ ଅନ୍ନଭୋଗ ମିଳିପାରିବ। ଶ୍ରୀକ୍ଷେତ୍ରରୁ ଆସିଥିବା ସୁଆର ମାନଙ୍କ ଦ୍ୱାରା ଏହି ଭୋଗ ପ୍ରସ୍ତୁତ ହେବ ବୋଲି ମନ୍ଦିର ପରିଚଳନା କମିଟି ପକ୍ଷରୁ ସୂଚନା ମିଳିଛି।


ଟ୍ରାକ୍ଟରରେ ରଥଚକଗୁଡ଼ିକୁ ସହର ପରିକ୍ରମା କରାଯାଇଛି।

## ସଂକ୍ଷେପରେ

### ସିବିଆଇ ତଦନ୍ତ, ମନ୍ତ୍ରୀଙ୍କୁ ବହିଷ୍କାର ଦାବିକଲା ଭାଜପା



ନବରଙ୍ଗପୁର,୨୦।୧୦(ବି.ପ୍ର.): କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ହତ୍ୟାକରି ପୋଡ଼ିଦେବା ପରେ ପୋତିଦିଆଯାଇଥିବା ଘଟଣାର ସିବିଆଇ ତଦନ୍ତ ଦାବି କରିଛି ଭାଜପା ଯୁବମୋର୍ଚ୍ଚା। ଏଥିସହ ମମିତା ଅପହରଣ ଓ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଘଟଣାକୁ ନେଇ ବୁଧବାର ନବରଙ୍ଗପୁର ସହର ଗାନ୍ଧିଛକ ନିକଟରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦିବ୍ୟଶଙ୍କରଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମମିତାଙ୍କୁ ବଳାତ୍କାର କରାଯିବା ପରେ ମାରି ପୋତିଦିଆଯାଇଥିଲା। ରାଜ୍ୟ ସରକାରଙ୍କ ନ୍ୟାୟିକ ତଦନ୍ତ ବ୍ୟବସ୍ଥା ଉପରେ ଭରସା ନାହିଁ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ଓ ମନ୍ତ୍ରୀଙ୍କୁ ବହିଷ୍କାର ସହ ଗିରଫ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ଭାଜପା ଯୁବନେତା ଗୌରୀଶଙ୍କର ମାଝି, ଜିଲା ଯୁବମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ପ୍ରଭାରୀ କାହ୍ନୁ ଦାସ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଅନନ୍ତ ପଣ୍ଡା, ନଗର ସଭାପତି ପିଣ୍ଟୁ ମିଶ୍ର, ଓବିସି ମୋର୍ଚ୍ଚା ସଭାପତି ଦୈତାରି ମାଝି, ନଗର ଯୁବମୋର୍ଚ୍ଚା ସଭାପତି ଭିକି ଜେନା, ଜିଲା କୃଷକ ମୋର୍ଚ୍ଚା ସଭାପତି ଅରୁଣ ପୂଜାରୀ, ନଗର ମହିଳା ମୋର୍ଚ୍ଚା ସଭାପତି ବବିତା ସାହୁ, ରିନା ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର, ସୁକାନ୍ତି ବେହେରା, ଶୁଭମ ଚୌଧୁରୀ, ବିନୁ ସୁନା ଏବଂ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜୈବସାର ବ୍ୟବହାର ତାଲିମ ନେଲେ ଚାଷୀ



ନବରଙ୍ଗପୁର,୨୦।୧୦(ବି.ପ୍ର.): ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ଗ୍ରାମରେ ଜୈବିକ ସାର ବ୍ୟବହାର ନିମନ୍ତେ ଚାଷୀଙ୍କୁ ବୁଧବାର ତାଲିମ ଦିଆଯିବା ସହ ସାର ବଣ୍ଟନ କରାଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ମାଧମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ, ଲକ୍ଷ୍ନୌର ମୁଖ୍ୟ ବୈଜ୍ଞାନିକ ଶ୍ରୀକୃଷ୍ଣ ତିୱାରୀ ଯୋଗଦେଇ ଜୈବସାରର ଉପକାରିତା ଓ ଫସଲ ଅନୁଯାୟୀ ବ୍ୟବହାର ସମ୍ପର୍କରେ କହିଥିଲେ। ସେହିପରି ଜୈବସାର ବ୍ୟବହାର ଦ୍ୱାରା ମାଟି ଓ ଜଳବାୟୁର ଲାଭ ସମ୍ପର୍କରେ ମଧ ବୁଝାଇଥିଲେ। ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ପୁନିତ୍ ସିଂ ଚୌହାନ ଯୋଗଦେଇ ବିଭିନ୍ନ ତୈଳବୀଜ ମଞ୍ଜି, ପରିବା ମଞ୍ଜି, ଧାନ, ମକା ଓ ଅନ୍ୟ ଫସଲରେ ଜୈବସାର ବ୍ୟବହାର ଓ ପଦ୍ଧତି ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପର କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି ଉପସ୍ଥିତ ରହି ଚାଷୀମାନେ ରାସାୟନିକ ସାର ବ୍ୟବହାର ନ କରି ଜୈବସାର ବ୍ୟବହାର କଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂରହୋଇପାରିବ ବୋଲି କହିଥିଲେ। ଉମାଶଙ୍କର ସବୁଜ ଦୁନିଆର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ କୃଷଚନ୍ଦ୍ର ନାୟକ ଉପସ୍ଥିତ ରହି ଚାଷୀମାନେ ଅଧିକରୁ ଅଧିକ ଜୈବସାର ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ୫୦ ଚାଷୀ ଯୋଗଦେଇଥିବାବେଳେ ସେମାନଙ୍କୁ ବିଭିନ୍ନ ଫସଲରେ ଜୈବସାର ବ୍ୟବହାର କରିବାକୁ ଜୈବସାର ପ୍ରଦାନ କରାଯାଇଥିଲା।

# ଭୋଟ ବର୍ଜନ ଚେତାବନୀ ଦେଲା ଆଦିବାସୀ ସମାଜ

## ଜିଲା ପରିଷଦ ଆସନ ସଂରକ୍ଷଣରେ ଉପେକ୍ଷା ଅଭିଯୋଗ

ରାୟଗଡ଼ା ଅଫିସ,୨୦।୧୦

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପରିଷଦ ଆସନ ସଂରକ୍ଷଣରେ ରାୟଗଡ଼ା ଜିଲା କାଶୀପୁର ବ୍ଲକର ଆଦିବାସୀଙ୍କୁ ଉପେକ୍ଷା କରାଯାଇଥିବା ଆଦିବାସୀ ସମାଜ ପକ୍ଷରୁ ଅଭିଯୋଗ ହୋଇଛି। ଆଦିବାସୀ(ଅନୁସୂଚିତ ଜନଜାତି) ବର୍ଗଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ନ କଲେ ଭୋଟ ବର୍ଜନ କରାଯିବ ଏବଂ କାଶୀପୁର ବନ୍ଦ କରାଯିବ ବୋଲି ଆଦିବାସୀ ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି। ରାୟଗଡ଼ାସ୍ଥିତ ହୋଟେଲ ସତ୍ୟମ୍ ରେସିଡେନ୍ସିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଦିବାସୀ ସମାଜ ପକ୍ଷରୁ ଏହା କୁହାଯାଇଛି।

୨୦୧୧ ଜନଗଣନା ଅନୁଯାୟୀ, କାଶୀପୁର ବ୍ଲକରେ ଆଦିବାସୀଙ୍କ ସଂଖ୍ୟା ଅଧିକ ଥିଲେ ମଧ ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଇ ସ୍ଥାନ ସଂରକ୍ଷଣ ହୋଇନାହିଁ। କାଶୀପୁର ବ୍ଲକର ୩ ଜିଲା ପରିଷଦ ଆସନରେ ଆଦିବାସୀଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହେଉ ବୋଲି ସେମାନେ ଦାବି କରିଛନ୍ତି। ଆଦିବାସୀଙ୍କୁ ରାଜନୈତିକ ଅଧିକାର ନ ଦେଲେ ପଞ୍ଚାୟତ ନିର୍ବାଚନ କରାଇ ଦେବୁନି ଏବଂ ଆଇନକୁ ହାତକୁ ନେବାକୁ ବାଧହେବୁ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଆଦିବାସୀ ସମାଜର ଆବାହକ ଉପେନ୍ଦ୍ର ମାଝି, ସଭାପତି ଶିବରାମ ମାଝି, ସମ୍ପାଦକ ଗଜେନ୍ଦ୍ର ମାଝି, ପୂର୍ବତନ ବିଧାୟକ ବିଭୀଷଣ ମାଝି, ସକ୍ରିୟ ସଦସ୍ୟ ଡମ୍ବରୁ ମାଝି, ସରପଞ୍ଚ ମହାସଂଘର ସଭାପତି ଅମିନ ମାଝି, ପୂବତନ ଜିଲା ପରିଷଦ ସଦସ୍ୟ କମଳ ଲୋଚନ ସାଆନ୍ତା, ପୂର୍ବତନ ସରପଞ୍ଚ ପାତିରି ମାଝି, ଅର୍ଜୁନ ମାଝି, ବିଙ୍ଗୁ ମାଝି, ସନ୍ତୋଷ ମାଝି ଓ ନିଳାମ୍ବର ମାଝି ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ପ୍ରକାଶିତ ସଂରକ୍ଷଣ ତାଲିକା ଅନୁଯାୟୀ, କାଶୀପୁର 'କ' ଜୋନ୍‌ରେ ଏସ୍‌ସି ମହିଳା, କାଶୀପୁର 'ଖ' ଜୋନ୍‌ରେ ଏସ୍‌ସି ପୁରୁଷ, କାଶୀପୁର 'ଗ' ଜୋନ୍‌ରେ ଓବିସି ପାଇଁ ସଂରକ୍ଷଣ ରହିଛି। ଆଦିବାସୀଙ୍କ ପାଇଁ ଆସନ ସଂରକ୍ଷଣ ନିମନ୍ତେ ଗତ ୧୬ ତାରିଖରେ ଜିଲା ପ୍ରଶାସନକୁ ଭେଟି ଅବଗତ ମଧ କରାଯାଇଥିଲା। ଆଗାମି ଦିନରେ ବିଧାୟକ, ଏମ୍‌ପି, ରାଜ୍ୟସଭା ସଦସ୍ୟ ଏବଂ ଜିଲା ପର୍ଯ୍ୟବେକ୍ଷକଙ୍କୁ ମଧ ଦାବିପତ୍ର ଦିଆଯିବ ବୋଲି ଆଦିବାସୀ ସମାଜ ପକ୍ଷରୁ କୁହାଯାଇଛି।


ଖବରଦାତା ସମ୍ମିଳନୀରେ ଆଦିବାସୀ ସମାଜର ଆବାହକ, ସଭାପତି ଓ ଅନ୍ୟମାନେ।

# ଚାକିରିରୁ ବହିଷ୍କୃତ ହେଲେ ରାଜସ୍ୱ ସହାୟିକା

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିଲେ
- ମେ ମାସରେ ନିଲମ୍ବିତ ହୋଇଥିଲେ
- ଅସୁସ୍ଥ ବାହାନାରେ ଫେରାର ଥିଲେ
- ଛତିଶଗଡ଼ରୁ ଗିରଫ ହେଲେ

ନବରଙ୍ଗପୁର,୨୦।୧୦(ବି.ପ୍ର.)

କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସତ କରିଥିବା ନବରଙ୍ଗପୁର ଜିଲା ଡାବୁଗାଁ ତହସିଲର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କୁ ସୋମବାର ଛତିଶଗଡ଼ ସୁକ୍‌ମା ଜିଲା ବରସୁର ଥାନା ଅଧୀନ ଇଟାଭାଟା ଗାଁରୁ ଗିରଫ କରାଯାଇଥିଲା। ଏ ନେଇ ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ରାତିରେ ଜିଲାପାଳ ଅଜିତ କୁମାର ମିଶ୍ର ଆଦେଶ ସଂଖ୍ୟା ୧୧୪୫୨ ତାରିଖ ୧୯.୧୦.୨୧ରେ ଧାରା ୩(ଖ) ପ୍ରକାରେ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ।

ପ୍ରକାଶଯୋଗ୍ୟ, ଚନ୍ଦନା ମଣ୍ଡଳ ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ପ୍ରଥମେ ୨୦୦୭ ରୁ ୨୦୦୯, ୨୦୧୧ ରୁ ୨୦୧୬ ଏବଂ ୨୦୨୦ ରୁ ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ନୂତନ ଭାବରେ ଯୋଗ ଦେଇଥିବା ତହସିଲଦାର ସନ୍ଧ୍ୟା ସମରଥ କ୍ୟାଶ୍ ବହିରେ ଅନିୟମିତତା ସମ୍ପର୍କରେ ଜାଣି ଜିଲାପାଳଙ୍କ ନଜରକୁ ନେଇଥିଲେ। ଜିଲାପାଳ ତୁରନ୍ତ ତତ୍କାଳୀନ ଉପଜିଲାପାଳ ଭାସ୍କର ରଇତଙ୍କୁ ତଦନ୍ତ ନିମନ୍ତେ ପ୍ରେରଣ କରିଥିଲେ। ତଦନ୍ତରୁ ଚନ୍ଦନା ୬୩ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା। ଜିଲାପାଳ ଓ ଉପଜିଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲାପାଳଙ୍କ ପତ୍ର ସଂଖ୍ୟା ୫୭୭୦ ତା ୨୮.୦୫.୨୦୨୧ ପ୍ରକାରେ ଚନ୍ଦନା ନିଲମ୍ବିତ ହୋଇଥିଲେ। କିନ୍ତୁ ସେ ଫେରାର ଥିବାରୁ ନିଲମ୍ବନ ଆଦେଶ ପତ୍ର ତାଙ୍କ ଘର କାନ୍ଥରେ ଲଗାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ତହସିଲଦାର ଡାବୁଗାଁ ଥାନାରେ ଚନ୍ଦନା ମଣ୍ଡଳଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ ଚନ୍ଦନାଙ୍କୁ ଥାନାକୁ ଡାକି ପଚରା ଉଚରା ସମୟରେ ସେ ଅସୁସ୍ଥ ହେବାର ବାହାନା କରିଥିଲେ। ତାଙ୍କୁ ପ୍ରଥମେ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର, ନବରଙ୍ଗପୁର, କୋରାପୁଟ ଏବଂ ଶେଷରେ ବିଶାଖାପଟଣାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଏହା ପରଠାରୁ ସେ ଫେରାର ଥିଲେ। ନବରଙ୍ଗପୁର ଜିଲାପାଳ ଘଟଣାର ତଦନ୍ତ କରିବା ପାଇଁ ଓଡ଼ିଶା ରାଜସ୍ୱ ପରିଷଦ ସଚିବଙ୍କୁ ପତ୍ର ସଂଖ୍ୟା ୮୯୪ ତାରିଖ ୨.୬.୨୦୨୧ ପ୍ରକାରେ ଅନୁରୋଧ କରିଥିଲେ। ଓଡ଼ିଶା ରାଜସ୍ୱ ପରିଷଦ ସ୍ୱତନ୍ତ୍ର ସମୀକ୍ଷା ରିପୋର୍ଟରୁ ଚନ୍ଦନା ଡାବୁଗାଁ ତହସିଲରୁ ରାଜସ୍ୱ ଆଦାୟ ଏବଂ ରୟାଲଟି ବାବଦରେ ଆଦାୟ ହୋଇଥିବା ୧କୋଟି୬୧ଲକ୍ଷ ୫୯ହଜାର ୬୯୪ ଟଙ୍କା ବିଭିନ୍ନ ଉପାୟରେ ଆତ୍ମସାତ କରିଥିବା ଜଣାପଡ଼ିଥିଲା। ଏ ବିଷୟରେ ଜିଲାପାଳ ରାଜ୍ୟ ସରକାରଙ୍କ ସମେତ ଦକ୍ଷିଣାଞ୍ଚଳ ଆର୍‌ଡିସି, କୋରାପୁଟସ୍ଥିତ ଡିଆଇଜି ଏବଂ ପୋଲିସ ଡିଜିଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚନ୍ଦନାଙ୍କୁ ଛତିଶଗଡ଼ରୁ ଗିରଫ କରି ୧୯ରେ ଉମରକୋଟ କୋର୍ଟକୁ ଚାଲାଣ କରିଥିଲେ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନବରଙ୍ଗପୁର ଉପକାରଗାରକୁ ପଠାଇ ଦିଆଯାଇଛି।

ଏ ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି, ଦୁର୍ନୀତିଗ୍ରସ୍ତ ଅମଲାଙ୍କୁ ସଂଘ ସମର୍ଥନ କରିବ ନାହିଁ। ଆଇନରୁ ଊର୍ଦ୍ଧ୍ୱରେ କେହି ନୁହଁନ୍ତି। ତେଣୁ ଏହି ଦୁର୍ନୀତିକୁ ସଂଘ ପକ୍ଷରୁ ନିନ୍ଦା କରାଯାଉଛି ବୋଲି ସେ କହିଛନ୍ତି।

# କୁସୁମବନ୍ଧକୁ ହରାଇ କାରାଗାଁ ଚାମ୍ପିୟନ


ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

ଡାବୁଗାଁ, ୨୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ ଗିର୍ଲିଗୁଡ଼ା ଗ୍ରାମରେ ଚାଲିଥିବା ମାଁ ଭାମନ ଦେଇ ହାଣ୍ଡା ଖଡ଼ିଆ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କୁସୁମବନ୍ଧ ଓ କାରାଗାଁ ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାରାଗାଁ ଦଳ ପେନାଲ୍ଟି ସଟ୍‌ରେ ୧-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ୪ ଦିନିଆ ଟୁର୍ନାମେଣ୍ଟରେ ମୋଟ ୧୬ ଦଳ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ବିଜୟୀ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଓ ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଲ୍ୟାମ୍ପ ସଭାପତି ଇନ୍ଦ୍ର ଭତ୍ରା ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ କମିଟିର ସଭାପତି ବୃନ୍ଦାବନ ମାଝି, ଉପସଭାପତି ବୈଶାଖୁ ଭତ୍ରା, କୋଷାଧ୍ୟକ୍ଷ ପ୍ରହ୍ଲାଦ ଭତ୍ରା, ହୀରାଲାଲ ଭତ୍ରା, ନରସିଂହ ଭତ୍ରା, କର୍ଣ୍ଣ ଭତ୍ରା, ବଳି ଭତ୍ରା, ରତନ ଭତ୍ରା, ବଳରାମ ଭତ୍ରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ନବରଙ୍ଗପୁର ଜିଲା ଡାବୁଗାଁରେ ମା' ଗଜଲକ୍ଷ୍ମୀ ପୂଜା ପାଉଛନ୍ତି।

# ଅଣପଞ୍ଜୀକୃତ ଶିକ୍ଷକ ସଂଘ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ନବରଙ୍ଗପୁର,୨୦।୧୦(ବି.ପ୍ର.)

ଅଣପଞ୍ଜୀକୃତ ଶିକ୍ଷକ ସଂଘକୁ ଚିହ୍ନଟକରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଦାବି କରିଛି। ଏ ନେଇ ଶିକ୍ଷକ ସଂଘ ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ସରକାରୀ ସ୍ୱୀକୃତିପ୍ରାପ୍ତ ପଞ୍ଜୀକୃତ ଶିକ୍ଷକ ସଂଘ। ଏହି ସଂଘ ବିଭିନ୍ନ ସମୟରେ ଶିକ୍ଷକଙ୍କ ସମସ୍ୟାଭିତ୍ତିକ ଦାବିପତ୍ର ଜିଲାପାଳ, ଏସ୍‌ପି, ଡିଇଓ ଏବଂ ବିଇଓଙ୍କୁ ପ୍ରଦାନକରେ। ତେବେ କେତେକ ଅଣପଞ୍ଜୀକୃତ ଶିକ୍ଷକ ସଂଘ ବିଭିନ୍ନ ଆଳରେ ଦାବିପତ୍ର ପ୍ରଦାନକରି ଅନେକ ଶିକ୍ଷକଙ୍କୁ ଅଡୁଆରେ ପକାଉଛନ୍ତି। ଅଣପଞ୍ଜୀକୃତ ସଂଘ ଦ୍ୱାରା ବିଭିନ୍ନ ଦୁର୍ନୀତି ବଢ଼ିବାରେ ଲାଗିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ସହ ପଞ୍ଜୀକରଣ ପ୍ରମାଣପତ୍ରର ନକଲ, ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶନାମା, କେତେକ ଅଣପଞ୍ଜୀକୃତ ସଂଘର ଦାବିପତ୍ରର ନକଲ ମଧ ପ୍ରଦାନ କରାଯାଇଛି। ସରକାରୀ ନିୟମ ପ୍ରକାରେ ତୁରନ୍ତ କାଉନ୍‌ସିଲିଂ କରାଯାଇ ଶିକ୍ଷକଙ୍କ ପଦୋନ୍ନତି ଓ ବଦଳି କରାଯିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ସଭାପତି ବିଷ୍ଣୁପ୍ରସାଦ ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀ, ରାଜ୍ୟ ଉପସଭାପତି ସନତ ପ୍ରହରାଜ, ଉପଦେଷ୍ଟା ରତନ ମାଝି, ଚନ୍ଦାହାଣ୍ଡି ବ୍ଲକ ପଦ୍ମଲୋଚନ ସାହୁ, ତେନ୍ତୁଳିଖୁଣ୍ଟି ବ୍ଲକର ପ୍ରଦୀପ ସୁନା, କରୁଣାକର ରାଉତ, ନବରଙ୍ଗପୁରର ବୈଦ୍ୟନାଥ ଦାଶ, ନନ୍ଦାହାଣ୍ଡିର ଗଲତି ସଗରିଆ, କୋଷାଗୁମୁଡ଼ା ବ୍ଲକର ଅଞ୍ଜନ ଖଟୁଆ, ପାପଡ଼ାହାଣ୍ଡି ବ୍ଲକର ପ୍ରତିମା ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

## ମମିତା ମେହେର ହତ୍ୟା ଘଟଣା



ରାୟଗଡ଼ା ଅଫିସ,୨୦।୧୦

କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ଘରୋ ସ୍କୁଲର ଅଧକ୍ଷା ମମିତା ମେହେରଙ୍କୁ ହତ୍ୟା କରି ପୋତାଯାଇଥିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଏବଂ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସିଧାସଳଖ ସମ୍ପୃକ୍ତି ରହିଥିବା ରାୟଗଡ଼ା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। ଏଥିସହ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜନା ଉପାଧ୍ୟାୟଙ୍କ ନେତୃତ୍ୱରେ ସ୍ଥାନୀୟ କପିଳାସ ଛକ ୩୨୬ ନମ୍ବର ଜାତୀୟ ରାଜପଥରେ ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲ। ଏଠାରେ ଦଳ ପକ୍ଷରୁ ମମିତା ମେହେର ହତ୍ୟାକାଣ୍ଡକୁ ନିନ୍ଦା କରାଯିବା ସହ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦା କରି ମୃତ ମମିତାଙ୍କ ପରିବାରଙ୍କୁ ନ୍ୟାୟ ଦିଆଯାଉ ବୋଲି ଦାବି କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଭାନୁମତି ମୁଦୁଲି, ଜି.ରାଜେଶ୍ୱରୀ, ଲକ୍ଷ୍ମୀ କୁମାର ସିଂ, ପୁଷ୍ପା ଗିରିଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ରାୟଗଡ଼ା ନ୍ୟୁ କଲୋନୀ ଗଜଲକ୍ଷ୍ମୀ ପୂଜାମଣ୍ଡପ।


ବିଷମକଟକ ଦୋଳମଣ୍ଡପ।


ଗୁଣପୁର ମରାଠିଗୁଡ଼ା ପୂଜାମଣ୍ଡପ।


ଟିକିରିରେ ମା'ଙ୍କ ପୂଜାର୍ଚ୍ଚନା।

